# NATIONAL NEWS BULLETIN (ODIA)

**26 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ପାଳନ ସମାରୋହରେ ସମ୍ମାନିତ ଅତିଥିଭାବେ ଯୋଗଦେଲେ ପ୍ରଧାନମନ୍ତ୍ରୀ ।
- ମାଳଦ୍ୱୀପରୁ ପ୍ରତ୍ୟାବର୍ତ୍ତନ କରି ତାମିଲନାଡୁକୁ ପ୍ରଧାନମନ୍ତ୍ରୀଙ୍କ ଆଜିଠୁଁ ଦୁଇଦିନିଆ ଗସ୍ତ ।
- ଭାରତୀୟ ସୈନ୍ୟଙ୍କ ବୀରତ୍ୱକୁ ସ୍ମରଣକରି ଆଜି ପାଳନ କରାଯାଉଛି ୨୬ତମ କାର୍ଗିଲ୍ ବିଜୟ ଦିବସ ।
- ଥାଇଲାଣ୍ଡ କାମ୍ବୋଡିଆ ସୀମାପାର ସଂଘର୍ଷରେ ମୃତ୍ୟୁସଂଖ୍ୟା ୩୩କୁ ବୃଦ୍ଧି ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ରେ ଆଜି ଚତୁର୍ଥ ଦିନରେ ଗତକାଲିର ସ୍କୋର ୭ ୱିକେଟ୍‌ରେ ୫୪୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଇଂଲଣ୍ଡ ।

## ପିଏମ୍-ମାଳଦ୍ୱୀପ ସ୍ୱାଧୀନତା ଦିବସ

ମାଳଦ୍ୱୀପର ଆଜି ୬୦ତମ ସ୍ୱାଧୀନତା ଦିବସ ପାଳନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଛନ୍ତି । ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣକ୍ରମେ

ପ୍ରଧାନମନ୍ତ୍ରୀ ମାଲେଠାରେ ଅନୁଷ୍ଠିତ ଏହି ସମାରୋହରେ ଅଂଶଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O (PM Maldives)**

ଶ୍ରୀ ମୋଦୀଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ମୁଇଜ୍ଜୁ ଏବଂ ମାଳଦ୍ୱୀପର ପ୍ରଥମ ମହିଳା ସାଜିଧା ମହମ୍ମଦଙ୍କ ପକ୍ଷରୁ ଗତକାଲି ଏକ ନୈଶ୍ୟ ଭୋଜିର ଆୟୋଜନ କରାଯାଇଥିଲା ।

# ପିଏମ୍-ମାଳଦ୍ୱୀପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମାଳଦ୍ୱୀପର ଉପରାଷ୍ଟ୍ରପତି ହୁସେନ ମହମ୍ମଦ ଲତିଫ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଭିତ୍ତିଭୂମି ବିକାଶ, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ପରିବର୍ତ୍ତନ, ଶକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ର ଉପରେ ଉଭୟ ନେତା ମତ ବିନିମୟ କରିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସୁଫଳ ଦେଶବାସୀଙ୍କ ପାଖରେ ପହଞ୍ଚୁଥିବାବେଳେ ଆଗାମୀ ଦିନରେ ସହଭାଗିତା ଅଧିକ ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ମାଳଦ୍ୱୀପ ସଂସଦ 'ପିପୁଲ୍ସ ମଜ୍‌ଲିସ୍'ର ବାଚସ୍ପତି ଅବଦୁଲ୍ ରହିମ ଅବଦୁଲ୍ଲାଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଜି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ୍‌ଙ୍କ ସହ ପଡୋଶୀ ପ୍ରଥମ ନୀତି ଏବଂ ସାମୁଦ୍ରିକ ସହଭାଗିତା ନେଇ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଭିତ୍ତିଭୂମି ବିକାଶ ଏବଂ ବିଭିନ୍ନ

ବିକାଶମୂଳକ ପଦକ୍ଷେପରେ ଭାରତ ମାଳଦ୍ୱୀପକୁ ସମସ୍ତପ୍ରକାର ସହାୟତା ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

# ପିଏମ୍-ଟିଏନ୍

ମାଳଦ୍ୱୀପ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ପ୍ରତ୍ୟାବର୍ତ୍ତନ କରିବା ସହ ତାମିଲନାଡୁକୁ ଦୁଇଦିନିଆ ଗସ୍ତରେ ଯିବେ । କାର୍ଯ୍ୟସୂଚୀ ଅନୁଯାୟୀ ସଂଧ୍ୟା ପ୍ରାୟ ୭ଟା ୪୫ ମିନିଟ୍‌ରେ ଶ୍ରୀ ମୋଦୀ ତାମିଲନାଡୁର ଟୁଟିକୋରିନ ବିମାନବନ୍ଦରରେ ପହଞ୍ଚିବେ । ସେଠାରେ ବିମାନବନ୍ଦରର ନୂତନ ଟର୍ମିନାଲ ଭବନକୁ ଉଦ୍‌ଘାଟନ କରିବେ । ଏଥିସହ ୪ହଜାର ୮୦୦ କୋଟିରୁ ଅଧିକ ମୂଲ୍ୟର ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଆରିଆଲୁର ଜିଲ୍ଲା ଅନ୍ତର୍ଗତ ଗଙ୍ଗେଇକୋଣ୍ଡା ଚୋଲାପୁରମ ମନ୍ଦିରରେ ସମ୍ରାଟ ରାଜେନ୍ଦ୍ର ଚୋଳ ପ୍ରଥମଙ୍କ ଆଦି ତିରୁବତି ରାଇ ମହୋତ୍ସବରେ ଯୋଗଦେବେ ।

ସଡ଼କ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରାଜପଥ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ ୫୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୩୬ ନମ୍ବର ଜାତୀୟ ରାଜପଥର ସେଥିଆଥୋପ-ଚୋଲାପୁରମ୍‌କୁ ୪ ଲେନ୍ କରିବା ଏବଂ ଟୁଟିକୋରିନ୍ ବନ୍ଦର ରାସ୍ତାକୁ ୬ ଲେନ୍ କରିବା

ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏଥିଲାଗି ପ୍ରାୟ ୨ ହଜାର ୫୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୪ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## କାରଗିଲ ବିଜୟ ଦିବସ

କାରଗିଲ ବିଜୟ ଦିବସର ୨୬ତମ ବାର୍ଷିକୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ୧୯୯୯ ମସିହା କାରଗିଲ୍ ଯୁଦ୍ଧରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶତ୍ରୁ ଉପରେ ବିଜୟ ହାସଲ କରିବାରେ ଭାରତୀୟ

ସୈନ୍ୟଙ୍କର ବୀରତ୍ୱ ତ୍ୟାଗକୁ ଆଜି ସ୍ମରଣ କରାଯାଉଛି । ପାକିସ୍ତାନ ବିପକ୍ଷରେ ଅପରେସନ ବିଜୟ ମାଧ୍ୟମରେ ଭାରତର ବଡ଼ ସଫଳତାକୁ ସ୍ମରଣ କରିବା ଏବଂ ସହିଦ ଜବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅପରେସନ ମାଧ୍ୟମରେ ଭାରତୀୟ ସେନା ଜାମ୍ମୁକାଶ୍ମୀରର କାରଗିଲ ଅଞ୍ଚଳରୁ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ନିପାତ କରିବାରେ ସଫଳ ହୋଇଥିଲା ।

ଦ୍ରାସ୍‌ଠାରେ ଆଜି ପୂର୍ବାହ୍ନରେ ସହିଦଙ୍କୁ ସମ୍ମାନ ଜଣାଇ ଏକ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଥିଲା । ଯୁବବ୍ୟାପାର ଓ କ୍ରୀଡ଼ା ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଏବଂ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ । ଡକ୍ଟର ମାଣ୍ଡବୀୟ ସମାବେଶକୁ ସମ୍ବୋଧନ କରି କହିଥିଲେ...

**V/O (Mansukh Mandaviya)**

# ପ୍ରେଜ୍-କାରଗିଲ ବିଜୟ ଦିବସ

କାରଗିଲ୍ ବିଜୟ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି ଆଜିର ଦିବସ ଦେଶର ସୈନିକଙ୍କର ଅସାଧାରଣ ବୀରତ୍ୱ, ସାହସ ଏବଂ ଦୃଢ଼ ନିଷ୍ଠାର ପ୍ରତୀକ । ଦେଶପାଇଁ ସେମାନଙ୍କର ସମର୍ପଣ ଏବଂ ସର୍ବୋଚ୍ଚ ବଳିଦାନ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କହିଛନ୍ତି କାରଗିଲ୍‌ର କଠିନ ପରିସ୍ଥିତିରେ ରାଷ୍ଟ୍ରର ସମ୍ମାନ ରକ୍ଷା ପାଇଁ ଭାରତୀୟ ସେନା ଅତ୍ୟନ୍ତ ସାହସ ଏବଂ ଦୃଢ଼ତା ପ୍ରଦର୍ଶନ କରିଥିଲେ । ସେମାନଙ୍କର ସର୍ବୋଚ୍ଚ ବଳିଦାନ, ସଶସ୍ତ୍ର ବାହିନୀର ଅଟଳ ସଂକଳ୍ପକୁ ସ୍ମରଣ କରାଇଥାଏ ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ।

## ଉପେନ୍ଦ୍ର ଦ୍ୱିବେଦୀ-ବିଜୟ ଦିବସ

ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଅପରେସନ ସିନ୍ଦୂର ସମୟରେ ଭାରତୀୟ ସେନା କାରଗିଲ ପରି ସାହସିକତା ପ୍ରଦର୍ଶନ କରିଥିଲେ । ପାକିସ୍ତାନର ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ସହ ଏକ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲେ । ଦ୍ରାସ୍‌ଠାରେ ୨୬ତମ କାରଗିଲ ବିଜୟ ଦିବସ ପାଳନ ଅବସରରେ ଯୁଦ୍ଧ ସ୍ମାରକୀରେ ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଜେନେରାଲ ଦ୍ୱିବେଦୀ ଏହା କହିଛନ୍ତି । ଭାରତର ସାର୍ବଭୌମତ୍ୱ ପ୍ରତି ରହିଥିବା ଆହ୍ୱାନର ଉପଯୁକ୍ତ ଜବାବ ଦିଆଯିବ ବୋଲି ସେ କହିଛନ୍ତି । ଏହି ଅବସରରେ ଜେନେରାଲ ଦ୍ୱିବେଦୀ ସୀମାରେ ଆଧୁନିକ ଯାନ୍ତ୍ରିକ ପଦାତିକ ସଶସ୍ତ୍ର ୟୁନିଟ୍ ତୋପ ଏବଂ ସ୍ୱତନ୍ତ୍ରବାହିନୀକୁ ନେଇ ଏକ ନୂତନ ବ୍ରିଗେଡ ଗଠନର ଘୋଷଣା କରିଛନ୍ତି । ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ସହିତ ସୀମାବର୍ତ୍ତୀ ଅଞ୍ଚଳରେ ଜାତୀୟ ସୁରକ୍ଷା ଏବଂ ବିକାଶ ପ୍ରତି ସେନାର ପ୍ରତିବଦ୍ଧତା

ଉପରେ ଜେନେରାଲ ଦ୍ୱିବେଦୀ ଆଲୋକପାତ କରିଛନ୍ତି । କର୍ତ୍ତବ୍ୟ ପାଳନ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଥିବା ଯୋଦ୍ଧାଙ୍କ ପରିବାରକୁ ସମଗ୍ର ଦେଶ ସଲାମ କରୁଛି ବୋଲି ସେ କହିଛନ୍ତି ।

## କାମ୍ବୋଡିଆ-ଥାଇଲାଣ୍ଡ କ୍ଲାସେସ

ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସୀମାପାର ସଂଘର୍ଷ ଆଜି ତୃତୀୟ ଦିନରେ ପହଞ୍ଚିଛି । ମୃତ୍ୟୁସଂଖ୍ୟା ୩୩କୁ ବୃଦ୍ଧି ପାଇଛି । କାମ୍ବୋଡିଆରେ ୮ଜଣ ସାଧାରଣ ନାଗରିକଙ୍କୁ ମିଶାଇ ୧୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଥାଇଲାଣ୍ଡରେ ୧୪ଜଣ ସାଧାରଣ ନାଗରିକଙ୍କୁ ମିଶାଇ ୨୦ଜଣଙ୍କର ମୃତ୍ୟୁ ହୋଇଛି । ୧ଲକ୍ଷ ୩୦ହଜାରରୁ ଅଧିକ ଲୋକ ଥାଇଲାଣ୍ଡ ସୀମାବର୍ତ୍ତୀ ଅଞ୍ଚଳ ଛାଡି ଚାଲି ଯାଇଥିବାବେଳେ କାମ୍ବୋଡିଆରେ ମଧ୍ୟ ୩୫ହଜାରରୁ ଅଧିକ ଲୋକ ସ୍ଥାନାନ୍ତର ହୋଇଛନ୍ତି । ଜାତିସଂଘ ସୁରକ୍ଷା ପରିଷଦରେ କାମ୍ବୋଡିଆ ତୁରନ୍ତ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଆଗତ କରିଥିବା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଥିବା ଜଣାପଡିଛି । ସଂଘର୍ଷ ନେଇ ଉଭୟ ଦେଶ ପରସ୍ପର ଉପରେ ଦୋଷାରୋପ କରିଛନ୍ତି ।

ସଂଘର୍ଷକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକଙ୍କୁ ସୀମାନ୍ତ ଅଞ୍ଚଳକୁ ଯାତ୍ରା ନକରିବାକୁ କାମ୍ବୋଡିଆରେ ଥିବା ଭାରତୀୟ ଦୂତାବାସ ପରାମର୍ଶ ଦେଇଛି । ଜରୁରୀକାଳୀନ ସହାୟତା ପାଇଁ ଦୂତାବାସ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଏବଂ ଇ-ମେଲ୍ ଠିକଣା ଜାରି କରାଯାଇଛି ।

## କାର୍ଭିକାଲ କ୍ୟାନ୍ସର-ସ୍କ୍ରିମିଂ

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦେଶର ୧୦କୋଟି ୧୮ଲକ୍ଷରୁ ଅଧିକ ମହିଳାଙ୍କ ଗର୍ଭାଶୟ କର୍କଟ ରୋଗ ଚିହ୍ନଟ ପରୀକ୍ଷଣ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି ଅଣ ସଂକ୍ରମିତ ରୋଗର ପରୀକ୍ଷଣ, ନିବାରଣ ଏବଂ ପରିଚାଳନା ପଦକ୍ଷେପର ଏହା ହେଉଛି ଏକ ଅଂଶ । ୩୦ରୁ ୬୫ ବର୍ଷ ବୟସ୍କ ମହିଳାଙ୍କ ପାଇଁ ଏହି ପରୀକ୍ଷଣ କରାଯାଇଛି । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି ବୋଲି ମନ୍ତ୍ରଣାଳୟ କହିଛି ।

## ଇରାନ୍ ସାଟେଲାଇଟ୍ ଲଞ୍ଚ

ରୁଷ୍‌ର ସୋୟୁଜ ରକେଟ୍ ସାହାଯ୍ୟରେ ଇରାନ୍ ମହାକାଶକୁ ଦୂରସଞ୍ଚାର ଓ ଗବେଷଣା ଉପଗ୍ରହ ନାହିଦ-୨କୁ ଗତକାଲି ସଫଳତାର ସହ ଉତ୍କ୍ଷେପଣ କରିଛି । ବହୁମୁଖୀ ପେଲୋଡ ମିଶନର ଏକ ଅଂଶସ୍ୱରୂପ ଏହି ଉତ୍କ୍ଷେପଣରେ ରୁଷ୍ ସମେତ ବିଭିନ୍ନ ଦେଶର ୧୮ଟି ଉପଗ୍ରହ ସାମିଲ ହୋଇଥିଲା । ଆଗାମୀ ୫ବର୍ଷ ପାଇଁ କକ୍ଷପଥରେ ରହିବା ଲକ୍ଷ୍ୟନେଇ ନାହିଦ-୨ ଉପଗ୍ରହକୁ ପ୍ରସ୍ତୁତ କରାଯାଇଛି ବୋଲି ଇରାନ୍ ସୂଚନା ଦେଇଛି ।

# କ୍ରିକେଟ୍

ମାଞ୍ଚେଷ୍ଟରର ଓଲ୍‌ଡଟ୍ରାଫଡ୍ ଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ରେ ଆଜି ଚତୁର୍ଥ ଦିନରେ ଇଂଲଣ୍ଡ ଗତକାଲିର ପ୍ରଥମ ଇନିଂସର ସ୍କୋର ୭ ୱିକେଟ୍‌ରେ ୫୪୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତ ପ୍ରଥମ ଇନିଂସରେ ୩୫୮ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ବର୍ତ୍ତମାନ ସୁଦ୍ଧା ଇଂଲଣ୍ଡ ୧୮୬ ରନ୍‌ରେ ଆଗୁଆ ରହିଛି । ବେନ୍‌ଷ୍ଟୋକ୍‌ସ ଓ ଲିଆମ ଡସନ୍ ଅପରାଜିତ ରହିଛନ୍ତି । ଇଂଲଣ୍ଡ ପକ୍ଷରୁ ଜୋରୁଟ୍ ୧୫୦ ରନ୍ କରି ଅଷ୍ଟ୍ରେଲିଆର ରିକି ପଣ୍ଟିଙ୍ଗଙ୍କର ୧୩ ହଜାର ୩୭୮ ରନ୍ ଅତିକ୍ରମ କରି ଟେଷ୍ଟ୍ କ୍ରିକେଟ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ ରନ୍ କରିବାର ସଫଳତା ହାସଲ କରିଛନ୍ତି । ଭାରତର ସଚିନ ତେନ୍ଦୁଲକର ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ୧୫ ହଜାର ୯୨୧ ରନ୍ କରିବାର ରେକର୍ଡ ଅର୍ଜନ କରିଛନ୍ତି । ଏହି ୫ଟିକିଆ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ରେ ଇଂଲଣ୍ଡ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇ ୨-୧ରେ ସିରିଜ୍ ଅଗ୍ରଣୀ ରହିଛି ।